# Akashvani, Sambalpur

## SAMBALPURI NEWS BULLETIN

### 13 May 2025- 6.47- 6.52 am.

**************************************************

ପ୍ରଧାନ୍‌ମନ୍ତ୍ରୀ- ଅପରେସନ୍ ସିନ୍ଦୂର ପି.ଆଇ.ବି.

ଅପରେସନ୍ ସିନ୍ଦୂର ନ୍ୟାୟ ଲାଗି ଅଟଲ୍ ପ୍ରତିଜ୍ଞା ଆଉ କୋଟି କୋଟି ଭାରତୀୟଙ୍କର ଭାବାବେଗ୍‌ର ପ୍ରତିଫଳନ୍ ଆଏ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଗଲାକାଏଲ୍ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରି କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଅପରେସନ୍ ସିନ୍ଦୂର ଆତଙ୍କବାଦ ବିରୋଧଥି ଆମର୍ ଲଢ଼େଇକେ ଫେର୍‌ଘାଏ ଦେଖଇେ ଦେଇଛେ । ଆତଙ୍କବାଦୀମାନେ ଆମର ମା’-ବୁହେନ୍‌ମାନଙ୍କର ସିନ୍ଦୁର ପୁଛ୍‌ବାର୍ ସାହାସ୍ କରିଥିଲେ, ଭାରତୀୟ ସେନା ସେମାନକର ମୁଖ୍ୟାଲୟକେ ମାଟି ମିଶେଇ ଦେଇଛେ । ପେହେଲ୍‌ଗାମ ଆତଙ୍କବାଦୀ ଆକ୍ରମଣ ଘଟ୍‌ନା ଉତ୍‌ରୁ ଦେଶର୍ ସବୁ ବର୍ଗ, ସବୁ ସମ୍ପ୍ରଦାୟ ଆଉ ସବୁ ରାଜନୈତିକ୍ ଦଲ୍ ଏକ୍ ହେଇକରି ଆତଙ୍କବାଦ ବିରୋଧଥି କଡ଼ା କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଥିଲେ । ଭାରତୀୟ ସେନା ପାକିସ୍ତାନ ନ ଥିବା ଆତଙ୍କବାଦୀ ଆଡ୍ଡାମାନକୁ ବାଛି ବାଛି ଆକ୍ରମଣ କରିଥିଲା । ମାତର୍‌କ ପାକିସ୍ତାନ ଆମ୍‌କୁ ଆକ୍ରମଣ କର୍‌ବାର୍‌କେ ବାହାରିଥିଲା ।

ଭାରତୀୟ ସେନା ତାକେ ମୁଲୁ ପ୍ରହାର୍ କରିଥିଲା ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ପ୍ରଧାନମନ୍ତ୍ରୀ-୧)

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍, ଇଛ୍‌ନିର୍ ସମିଆ ଯୁଦ୍ଧ ଲାଗି ନୁହେ, ହେଲେ ଆତଙ୍କବାଦର ସମିଆ ଭିଲ୍ ନୁହେଁ ଆଏ ।

(ଭଏସ୍ ଓଭର୍-ପ୍ରଧାନମନ୍ତ୍ରୀ-୨)

ତାଙ୍କ ଉଦ୍‌ବୋଧନ୍‌ଥି ପ୍ରଧାନମନ୍ତ୍ରୀ ଭାରତୀୟ ସେନାବାହିନୀର୍ ପରାକ୍ରମ, ଦେଶର୍ ବୈଜ୍ଞାନିକ୍ ଆଉ ସୁରକ୍ଷା ବ୍ୟବସ୍ଥାକେ ପ୍ରଶଂସା କରିଥିଲେ ।

ସେଆଡ଼େ ଗଲାକାଏଲ୍ ଭାରତ୍ -ପାକିସ୍ତାନ୍ ସାମରିକ ଅଭିଯାନ୍ ମହାନିର୍ଦ୍ଦେଶକ୍ ଡି.ଜି.ଏମ୍.ଓ. ମାନ୍‌କର୍ ଆଲୋଚନାଥି ସୀମ୍‌ନା ଇଲାକା ନ ଶାନ୍ତି ଥାପ୍‌ନା ଲାଗି ନିଷ୍ପତି ହେଇଛେ । ୨ ଦିନ୍ ହେଲା ନିୟନ୍ତ୍ରଣ୍ ରେଖା ଆଉ ଅନ୍ତର୍ଜାତୀୟ ସୀମାରେଖା ଇଲାକା ନ ଅସ୍ତ୍ରବିରତି ଉଲ୍ଲଂଘନ୍ ନାଇଁ ହେଇଥିବାର୍‌ନୁ ଥିତି ସ୍ୱାଭାବିକ୍ ହେବାର୍‌କେ ଲାଗିଛେ ।

ବିଜେପି-ତିରଙ୍ଗା ଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜେପି ତର୍‌ଫୁ ସାରା ଦେଶେ ଆଏଜ୍‌ଠାନୁ ତିରଙ୍ଗା ଯାତ୍ରା ମୁଲ୍ ହେବା । ୧୦ ଦିନ୍ ଧରିକରି ହେବାର୍‌କେ ଥିବା ଇ ଯାତ୍ରାଥି ଅପରେସନ୍ ସିନ୍ଦୁର୍‌ର ସଫଲତା ଆଉ ଉପଲବ୍ଧି ବାବ୍‌ଦେ ଦେଶ୍‌ବାସୀଙ୍କୁ ସୂଚ୍‌ନା ଦିଆଯିବା ।

ମେ ୨୩ ତାରିଖ୍‌ତକ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ସାଧାରଣ୍ ନାଗରିକ୍, ଭିନ୍ ଭିନ୍ ସାମାଜିକ୍ ସଂଗଠନ୍‌ମାନେ ଯୋଗ୍ ଦେବାର୍ ଉପ୍‌ରେ ଗୁରୁତ୍ୱ ଦିଆଯାଇଛେ ବଲି ବିଜେପି ସାଂସଦ୍ ଆଉ ଦଲର୍ ଜାତୀୟ ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ ।

ଶୀତଲ୍‌ଷଷ୍ଠୀ-ଅନୁଦାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାକେ ଇ ବଛର୍ ଅଏତ୍‌କା ଆକର୍ଷଣୀୟ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୧ କୋଟି ୮ ଲାଖ୍ ଟଙ୍କାର୍ ଅନୁଦାନ୍ ଘୋଷ୍‌ନା କରିଛନ୍ । ରାଜ୍ୟ ସଂସ୍କୃତି ବିଭାଗ୍ ତର୍‌ଫୁ ଇ ଟଙ୍କା ଦିଆଯିବା । ସାମାଜିକ୍ ଗଣମାଧ୍ୟମ ଜରିଏ ମୁଖ୍ୟମନ୍ତ୍ରୀ କହିଛନ୍, ଶୀତଲ୍‌ଷଷ୍ଠୀ ଯାତ୍ରା ଓଡ଼ିଆ ସଂସ୍କୃତି ଆଉ ପରମ୍ପରାର୍ ଅନନ୍ୟ ବିଭବ ଆଉ ଇତାର୍ ପ୍ରଚାର୍ ପ୍ରସାର୍ ଲାଗି ପାଣ୍ଠି ଘୋଷ୍‌ନା କରାଯାଇଛେ । ଇ ଆର୍ଥିକ୍ ଅନୁଦାନ୍ ସମ୍ବଲ୍‌ପୁର୍‌ର ଭିନ୍ ଭିନ୍ ଶୀତଲ୍‌ଷଷ୍ଠୀ ଯାତ୍ରା କମିଟି ଆଉ ଅନୁଷ୍ଠାନ୍ ମାନ୍‌କୁ ଦିଆଯିବା ବଲି ନିଷ୍ପତି ହେଇଛେ । କେନ୍ଦ୍ରଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଇଥିର୍‌ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜନେଇକରି ଇ ଆର୍ଥିକ୍ ଅନୁଦାନ୍ ସମ୍ବଲ୍‌ପୁର୍ କଲା ସଂସ୍କୃତି ଆଉ ପରମ୍ପରାକେ ଉଜାଗର୍ କର୍‌ବାର୍‌ଥି ଅଏତ୍‌କା ସାହାଜ୍ କର୍‌ବା ବଲି କହିଛନ୍ ।

ଦିବ୍ୟାଙ୍ଗ ମାନ୍‌କୁ ଜବ୍‌କାର୍ଡ଼ ଆର୍‌ଏନ୍‌ୟୁ/ ସମ୍ବଲପୁର

ମହତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜ୍‌ନା - ମନରେଗା ଥି ଦିବ୍ୟାଙ୍ଗ ମାନ୍‌କୁ ଘର୍‌ପାଶେ କାମ୍ ଯୁଗେଇ ଦେବାର୍ ଲାଗି ଜବ୍‌କାର୍ଡ଼ ମିଲ୍‌ବା । ଇ ମାସର୍ ଶେଷ୍‌ତକ୍ ଦିବ୍ୟାଙ୍ଗ ମାନ୍‌କୁ ଜବ୍‌କାର୍ଡ଼ ବଂଟାଯିବା । ଇତାର୍‌ଛଡ଼ା ଜୁନ୍ ମାସର୍ ଶେଷ୍‌ତକ୍ ଦିବ୍ୟାଙ୍ଗ ଶକ୍ତିଗ୍ରୁପ୍ ଗଠନ୍ କାମ୍ କରାଯିବା । ଇଥିର୍‌ଲାଗି ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଲ୍‌ମାନ୍‌କୁ ଚିଠି କରାଯାଇଛେ ।

ଓଟିଇଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଚାକିରୀ ନ ଥାଇକରି ଭିଲ୍ ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା- ଓଟିଇଟି ଦେଇ ହେବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ବିଭାଗ୍‌ର ନିର୍ଦ୍ଦେଶ୍ ଅନ୍‌ସାରେ ମାଧ୍ୟମିକ୍ ଶିକ୍ଷା ପରିଷଦ୍ ଖାସ୍ ଓଟିଇଟି ପରୀକ୍ଷା ଲାଗି ବିଜ୍ଞପ୍ତି ବାହାର୍ କରିଛେ । ଇଥିର୍‌ଲାଗି ଇଚ୍ଛୁକ ଶିକ୍ଷକ୍‌ମାନେ ଆଏବା ୨୨ ତାରିଖ୍‌ତକ୍ ବୋର୍ଡ଼ ୱେବ୍‌ସାଇଟ୍‌ଥି ଆବେଦନ୍ କରିପାର୍‌ବେ ।

ଭୀମଭୋଇ ରାଜ୍ୟସ୍ତରୀୟ ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ସାହିତ୍ୟ ଏକାଡେମୀ ତର୍ଫୁ ରେଢ଼ାଖୋଲ୍‌ର ଭୀମଭୋଇ କଳାମଣ୍ଡପ୍ ଠାନେ ସନ୍ଥକବି ଭୀମଭୋଇଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଭୀମଭୋଇଙ୍କର୍ ସାହିତ୍ୟକୃତି ଉପ୍‌ରେ ଆଲୋଚନା କରିଥିଲେ । ଇତାର୍ ଆଘୋନୁ ଅତିଥି ମାନେ ବସ୍‌ଷ୍ଟାଣ୍ଡ ଠାନେ ଥିବା ଭୀମଭୋଇଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରିଥିଲେ ।

ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା     ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାଥି ସମ୍ବଲ୍‌ପୁର୍‌ର ପାବକୀ ମହାପାତ୍ର ଆର୍ ସ୍ୱୟଂ ପ୍ରତୀକ୍ ଦାସ ସ୍ୱର୍ଣ୍ଣପଦକ୍ ଜିତିଛନ୍ । ଦୁହିଝନ ଡେରାଡୁନ୍ ନ ହେବାର୍‌କେ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତାଥି ଭାଗ୍ ନେବାର୍ ଲାଗି ବଛା ହେଇଛନ୍ ।

ଖେଲୋ ଇଣ୍ଡିଆ ୟୁବ କ୍ରୀଡ଼ା     ଆର୍‌ଏନ୍‌ୟୁ/ ସମ୍ବଲପୁର

ବିହାର୍ ଠାନେ ଚାଲିଥିବା ଖେଲୋ ଇଣ୍ଡିଆ ୟୁବ କ୍ରୀଡ଼ା-୨୦୨୫ଥି ଟିକି ମୋହିନୀ ମଲ୍ଲିକ୍ ଭାରୋତଲନ୍ ବର୍ଗଥି ରୌପ୍ୟ ପଦକ୍ ଜିତ୍‌ବାର୍ ସହେତେ ଏଥ୍‌ଲେଟିକ୍ସ୍‌ଥି ରାଜ୍ୟ ଲାଗି ପହେଲା ପଦକ୍ ହିସାବେ ବାଳିକା

ଲମ୍ବଡିଆଁଥି ପାର୍ବତୀ ହାଁସ୍‌ଦା କାଂସ୍ୟ ପଦକ୍ ଜିତିଛନ୍ । ସେଆଡ଼େ ଓଡ଼ିଶା ବାଳିକା ହକି ଦଲ୍ ଆଉ ବାଲକ ଫୁଟ୍‌ବଲ୍ ଦଲ୍ ଫାଇନାଲ୍‌କେ ଯାଇଛେ ।

ପାଣିପାଗ/ମୌସୁମୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏଜ୍ ଆଣ୍ଡାମାନ୍ ସାଗର୍ ଆର୍ ଦକ୍ଷିଣ ବଙ୍ଗୋପ୍ ସାଗର୍ ପୁହୁଁଚିବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ପୂର୍ବାନୁମାନ୍ କରିଛେ । ମୌସୁମୀ ବାୟୁ ଆଗ୍‌କେ ବଢ଼୍‌ବାର୍ ଲାଗି ପାଗ୍ ଅନୁକୂଳ ରହିଛେ ବଲି ବିଭାଗ୍ କହିଛେ ।
ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ ୧୭ ଟା ସହରେ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହିଥିଲା । ଗଲାକାଏଲ୍ ସମ୍ବଲ୍‌ପୁର୍ ନ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୨ ଦଶ୍‌ମିକ୍ ୯ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା ।